# ହୀରା ପ୍ଲାଷ୍ଟିକ ଉଦ୍ୟୋଗ ଇତ୍ୟାଦି

# ବନାମ

# ଆନ୍ଧ୍ର ପ୍ରଦେଶ ସରକାର ଏବଂ ଅନ୍ୟମାନେ

# ମଇ 9, 1997

# [କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ରୁଗଣ ଶିଳ୍ପ - ରାଜ୍ୟ ସରକାରଙ୍କ ଦ୍ୱାରା ଅଧିକୃତ – ଅର୍ଥ ପ୍ରଦାନ ସମ୍ବନ୍ଧରେ ବି ଆଇ ଏଫ୍ ଆର୍ ର ନିଷ୍ପତ୍ତି – ପକ୍ଷମାନଙ୍କ ପାଇଁ ପାଳନୀୟ – ପକ୍ଷ ପାଇଁ ଅର୍ଥ ପ୍ରଦାନ ବିଚାରାଧୀନ – ବି ଆଇ ଏଫ୍ ଆର୍ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ।*

ଦେୱାନୀ ଅପିଲ୍ ଅଧିକାରିତା : ଦେୱାନୀ ଅପିଲ୍ ସଂଖ୍ୟା 3629/1997 ।

ଡବ୍ଲ୍ୟୁ.ଏ. ସଂଖ୍ୟା 16293/1992ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର 23.4.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ନରସିଂହ ପି.ଏସ୍. ରିନା ଏନ୍. ଏବଂ ଭି.ଜି. ପରାଗସମ ।

ଉତ୍ତରଦାତାମାନଙ୍କ ପାଇଁ ଏ. ଟି. ଏମ୍. ସମ୍ପତ, ୱାଇ. ପି. ରାଓ ଏବଂ ଟି. ଅନୀଲ କୁମାର. ଆର୍.

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଏହି ପ୍ରସଙ୍ଗଗୁଡ଼ିକ ଏକ ସାଧାରଣ ଆଦେଶ ଦ୍ୱାରା ପରିସମାପ୍ତି କରାଗଲା ।

ସରକାରୀ ଉଦ୍ୟୋଗଗୁଡ଼ିକ ଦ୍ୱାରା ଆନୁଷଙ୍ଗିକ ବିକାଶ କାର୍ଯ୍ୟକ୍ରମର ପ୍ରବର୍ତ୍ତନ ପାଇଁ ସଂଶୋଧିତ ଏବଂ ସଦ୍ୟତମ ନିର୍ଦ୍ଦେଶାବଳୀ ଗ୍ରହଣ କରିବା ସମୟରେ, ଅକ୍ଟୋବର 3, 1979 ତାରିଖର କାର୍ଯ୍ୟାନୁଷ୍ଠାନ ଦ୍ୱାରା, ହାଇଦ୍ରାବାଦ ଅଲୱିନ୍ ଲିମିଟେଡ୍, ଯାହା ରାଜ୍ୟ ସରକାରଙ୍କ ଏକ ପ୍ରତିଷ୍ଠାନ, ଆବଶ୍ୟକ ସାମଗ୍ରୀ ଯୋଗାଣ ପାଇଁ ବିଭିନ୍ନ ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଶିଳ୍ପୋଦ୍ୟୋଗୀମାନଙ୍କ ଠାରୁ ଆବେଦନପତ୍ର ଆହ୍ୱାନ କରିଥିଲା । ଅପିଲକାରୀମାନେ ଘଡ଼ି ବାକ୍ସ, ଘଡ଼ି ଫିତା ଏବଂ ଫଳକ ଧାରଣ କରୁଥିବା ବଳୟ ଯୋଗାଣ ପାଇଁ ଆନୁଷଙ୍ଗିକ ୟୁନିଟ୍ ସ୍ଥାପନ କରିଛନ୍ତି । ଅର୍ଥରାଶି ପ୍ରଦାନ ଏବଂ ପରିଣାମ ସ୍ୱରୂପ ଦାୟିତ୍ୱକୁ ନେଇ ବିବାଦ ରହିଥିଲା । ଏ ସଂକ୍ରାନ୍ତରେ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରାଯାଇଥିଲା । ବିଜ୍ଞ ଏକକ ବିଚାରପତି ତାଙ୍କର ଜାନୁଆରୀ 19 1988 ତାରିଖର ରାୟ ଦ୍ୱାରା ସରକାରଙ୍କୁ କାରଖାନା ସ୍ତରୀୟ ସମିତି ନିଯୁକ୍ତ କରିବା ଏବଂ ଏହା ଅଧୀନରେ ଜାରି କରାଯାଇଥିବା ପ୍ରବର୍ତ୍ତନୀୟ ନିର୍ଦ୍ଦେଶାବଳୀ ଅନୁସରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ; ଆନୁଷଙ୍ଗିକ ଶିଳ୍ପଗୁଡ଼ିକ ହେଉଛି ଯୋଜନା ମଧ୍ୟରେ ଆସୁଥିବା ୟୁନିଟ୍; ଏବଂ, ତେଣୁ, କାରଖାନା ସ୍ତରୀୟ ସମିତିର ସୁପାରିଶଗୁଡ଼ିକ ପ୍ରବର୍ତ୍ତନ କରାଯିବା ଉଚିତ ।

ତଦନୁସାରେ, ହାଇଦ୍ରାବାଦ ଅଲୱିନ୍ସ ଲିମିଟେଡ୍ (ଏଚ୍ଏଏଲ୍) କୁ ଏକ ପରମାଦେଶ ଜାରି କରାଯାଇଥିଲା । ସେହି ଆଦେଶରେ ବ୍ୟଥିତ ହୋଇ ଅପିଲକାରୀମାନେ ଏକ ରିଟ୍ ଅପିଲ୍ ଦାଖଲ କରିଥିଲେ । ଖଣ୍ଡପୀଠ ଏହାର ମାର୍ଚ୍ଚ 15,1991 ତାରିଖର ଆଦେଶ ଦ୍ୱାରା ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ସିଦ୍ଧାନ୍ତକୁ ସମର୍ଥନ କରି ନିର୍ଦ୍ଦେଶ ଦେଇଛନ୍ତି ଯେ, ଏକକ ବିଚାରପତିଙ୍କ ଦ୍ୱାରା ଜାରି

କରାଯାଇଥିବା ନିର୍ଦ୍ଦେଶକୁ ଅନୁପାଳନ କରିବା ପାଇଁ ଏଚ୍ ଏ ଏଲ୍ ପରିବର୍ତ୍ତେ ରାଜ୍ୟ ସରକାରଙ୍କୁ ପରମାଦେଶ ଜାରି କରାଯିବ । ଏହା ଜଣାପଡୁଛି ଯେ, ଡି ଏଚ୍ ଆର୍ ର ମୂଲ୍ୟ 5. 81 ଟଙ୍କାରୁ 2. 48 ଟଙ୍କାକୁ ହ୍ରାସ ପାଇଛି ଅପିଲକାରୀମାନେ ବ୍ୟଥିତ ଅନୁଭବ କରିଥିଲେ ଏବଂ ଯୁକ୍ତି କରିଥିଲେ ଯେ, ଏହି ହ୍ରାସ ଆଇନତଃ ମନ୍ଦ ଅଟେ । ଏହା ବିବାଦରେ ନାହିଁ ଯେ, ପରବର୍ତ୍ତୀ ସମୟରେ ଏଚ୍ ଏ ଏଲ୍ ରୁଗଣ ଶିଳ୍ପରେ ପରିଣତ ହେବା ପରେ, ଏହି ପ୍ରସଙ୍ଗକୁ ଶିଳ୍ପ ଏବଂ ଆର୍ଥିକ ପୁନର୍ଗଠନ ପରିଷଦକୁ ପ୍ରେରଣ କରାଯାଇଥିଲା, ଯାହା ସେହି ପ୍ରସଙ୍ଗ ଭିତରକୁ ଯାଇଛି । ମେସର୍ସ ଭୋଲ୍ଟାସ୍ ଲିମିଟେଡ୍ ଘଡ଼ି ନିର୍ମାଣ ବିଭାଗ ବ୍ୟତୀତ ସମସ୍ତ ଏକକ ଗୁଡ଼ିକ ଅଧିଗ୍ରହଣ କରିବା ପରେ କାର୍ଯ୍ୟ ଆରମ୍ଭ କରିଛି ଯାହା ସମ୍ପୃକ୍ତ ସମ୍ପତ୍ତି ଏବଂ ଦାୟିତ୍ୱ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା । ବି ଆଇ ଏଫ୍ ଆର୍ ର ନିଷ୍ପତ୍ତି ପକ୍ଷମାନଙ୍କୁ ଆବଦ୍ଧ କରିଥାଏ । ଆମକୁ ସୂଚନା ଦିଆଯାଇଛି ଯେ, ଅପିଲକାରୀମାନଙ୍କୁ 27 ଲକ୍ଷ ଟଙ୍କା ପ୍ରଦାନ ହୋଇସାରିଛି । ପକ୍ଷମାନଙ୍କୁ ଆବଦ୍ଧ ରଖୁଥିବା ବି ଆଇ ଏଫ୍ ଆର୍ ସମ୍ମୁଖରେ ଥିବା ପ୍ରତିଶ୍ରୁତି ଅନୁଯାୟୀ ଅପିଲକାରୀମାନେ, ଯେତିକି ଆର୍ଥିକ ଦାୟିତ୍ୱ ସେତିକି ବଳକା ରାଶି ଦାବି କରୁଛନ୍ତି; ବି ଆଇ ଏଫ୍ ଆର୍ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ମଧ୍ୟ ବାଧ୍ୟ ।

ତଦନୁସାରେ ଅପିଲଗୁଡ଼ିକର ପରିସମାପ୍ତି କରାଯାଇଥାଏ । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.

ଅପିଲଗୁଡ଼ିକର ପରିସମାପ୍ତି କରାଯାଇଥିଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ